# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 07th April - 2025

**********************************

## ମୁଖ୍ୟ ସମ୍ବାଦ

- ସୁସ୍ଥ ଜୀବନଶୈଳୀପାଇଁ ଯୋଗ ଏକ ଉପଯୋଗୀ ସାଧନ; କହିଲେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ।

- ରନ୍ଧନ ଗ୍ୟାସ୍ ମୂଲ୍ୟ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି; ବର୍ଦ୍ଧିତ ଦର ଲାଗୁ ହେବ ଆସନ୍ତାକାଲିଠାରୁ ।

- ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ପୌରାଞ୍ଚଳର ପ୍ରତ୍ୟେକ ଘରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ; ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଭୁବନେଶ୍ୱରଠାରେ ଆରମ୍ଭ ହେଲା ୭୩ତମ ସର୍ବଭାରତୀୟ ପୁଲିସ୍ ହକି ପ୍ରତିଯୋଗିତା ।

*Desk*

# ଯୋଗ ଦିବସ

ଯୋଗ ଗତ ଦଶନ୍ଧି ମଧ୍ୟରେ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି । ବର୍ତ୍ତମାନ ଏହା ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି ବୋଲି କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜି ସାଧାରଣ ଯୋଗାଭ୍ୟାସ ସମାରୋହକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ସୁସ୍ଥ ଜୀବନଶୈଳୀ ପାଇଁ ଯୋଗ ଏକ ଉପଯୋଗୀ ସାଧନ। ଆଗାମୀ ପିଢ଼ି ପାଇଁ ଏକ ସବୁଜ ସୁନ୍ଦର ପୃଥିବୀ ଗଠନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ଶ୍ରୀ ଯାଦବ କହିଛନ୍ତି। ଏହି ଅବସରରେ ଶ୍ରୀ ଯାଦବ 'ସବୁଜ ଯୋଗ'ର ଶୁଭାରମ୍ଭ କରିଛନ୍ତି । ଆଗାମୀ ଯୋଗଦିବସର ୧୦ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟରେ ଏହା ଏକ ଅଂଶବିଶେଷ ବୋଲି ସେ କହିଛନ୍ତି ।

ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଗାମୀ ଦିନରେ ଓଡ଼ିଶା ଯୋଗର ପ୍ରୟୋଗଶାଳା ହେବ ବୋଲି କହିଛନ୍ତି। ଓଡ଼ିଶାର ପ୍ରାକୃତିକ ପରିବେଶ ଓ ବେଳାଭୂମି ଏହାର ଜନସାଧାରଣଙ୍କୁ ଯୋଗ ସହିତ ଯୋଡ଼ିଥାଏ। ଯୋଗାଭ୍ୟାସ ମାଧ୍ୟମରେ ସମସ୍ତଙ୍କୁ ସୁସ୍ଥ ଓ ନିରୋଗ ରହିବା ପାଇଁ ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇ କହିଛନ୍ତି...

***Voice :........***

ସୂଚନାଯୋଗ୍ୟ, ଆଜି ସକାଳ ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବିଶାଳ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ୬ ହଜାରରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗ

ଦେଇଥିବାବେଳେ  ସମସ୍ତଙ୍କୁ ଔଷଧୀୟ ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରେ ମନ୍ତ୍ରୀ ଶ୍ରୀ ଯାଦବ ଏକ ଔଷଧୀୟ ଚାରା ରୋପଣ କରିଥିଲେ ।

କାର୍ଯ୍ୟକ୍ରମରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା, ଯୁଗ୍ମ ସଚିବ ମୋନାଲିସା ଦାସ, ସାସଂଦ ସମ୍ବିତ ପାତ୍ରଙ୍କ ସହ ବହୁ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

ଦଶମ ଅନ୍ତର୍ଜାତୀୟ ଯୋଗଦିବସର ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆୟୁଷ ମନ୍ତ୍ରଣାଳୟ ଓ ମୋରାର୍ଜୀ ଦେଶାୟୀ ଜାତୀୟ ଯୋଗ ସଂସ୍ଥାନର ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

***HS***

## ରନ୍ଧନ ଗ୍ୟାସ୍

ରନ୍ଧନ ଗ୍ୟାସ୍ ମୂଲ୍ୟ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି ପାଇଛି । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିଗ ବାଷ୍ପ ମନ୍ତ୍ର ହରଦୀପ ସିଂ ପୁରି କହିଛନ୍ତି, ଏହି ବର୍ଦ୍ଧିତ ଦର ଆସନ୍ତାକାଲିଠାରୁ ସମସ୍ତ ପ୍ରକାର ଏଲ୍.ପି.ଜି. ସିଲିଣ୍ଡର୍ ପାଇଁ ଲାଗୁ ହେବ । ଏପରିକି ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ମଧ୍ୟ ଏହି ବର୍ଦ୍ଧିତ ଦର ଲାଗୁ ହେବ । ଅନ୍ୟପକ୍ଷରେ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ୨ ଟଙ୍କା

ଲେଖାଏଁ ବୃଦ୍ଧି କରାଯାଇଛି । ଏହା ମଧ୍ୟ ଆସନ୍ତାକାଲିଠାରୁ ଲାଗୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ତେବେ ଏହି ବର୍ଦ୍ଧିତ ଦର ଆଧାରରେ ଖୋଲା ବଜାରରେ ପେଟ୍ରୋଲ୍ ଏବଂ ଡିଜେଲ୍ ଦରରେ କୌଣସି ବୃଦ୍ଧି ଘଟିବ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

*Official*

## ରାଜ୍ୟପାଳ - ନର୍ସିଂ

ନର୍ସିଂ କେବଳ ଏକ ଆଦର୍ଶ ବୃତ୍ତି ନୁହେଁ, ବରଂ ମାନବ ସେବାର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟଠାରେ କଳିଙ୍ଗ ନର୍ସିଂ କଲେଜର ଦୀପ ପ୍ରଜ୍ୱଳନ ଓ ଶପଥଗ୍ରହଣ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ସେ କହିଛନ୍ତି, ଦୀପ ପ୍ରଜ୍ୱଳନ, ଜ୍ଞାନର ପ୍ରସାରଣ, ଜୀବନବ୍ୟାପୀ ଶିକ୍ଷାର ଆରମ୍ଭ ଏବଂ ରୋଗୀ ଯତ୍ନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବାରର ପ୍ରତିଜ୍ଞାକୁ ସୂଚାଇଥାଏ । ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ନର୍ସିଂସେବା ଉପରେ ଅଧିକ ନିର୍ଭର କରେ ବୋଲି ରାଜ୍ୟପାଳ କହିଛନ୍ତି । ଏହି ବୃତ୍ତିକୁ ସହାନୁଭୂତି ସହ ଆପଣେଇବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

*Desk*

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ପାଳନ କରାଯାଉଛି । ସମ୍ପୂର୍ଣ୍ଣଭାବେ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାକୁ ଉତ୍ତମ ସ୍ୱାସ୍ଥ୍ୟ କୁହାଯାଇଥାଏ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ"। ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ପୃଥିବୀର ଲୋକମାନେ କିପରି ନିରୋଗ ଓ ସୁସ୍ଥ ରହିପାରିବେ, ସେଥିପାଇଁ ୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି।

*Ganjam, Nayagarh, Sonepur/R*

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ - ଜିଲ୍ଲା

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିମାନେ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନରେ ପ୍ରାକୃତିକ ଚିକିତ୍ସା, ଦୈନନ୍ଦିନ ଖାଦ୍ୟଶୈଳୀର ପ୍ରଭାବ ଏବଂ ଜଙ୍କ୍‌ଫୁଡ୍‌ର କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ ।

ନୟାଗଡ଼ ଜିଲ୍ଲାରେ ଏହି ଅବସରରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା ।

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଜିଲ୍ଲା ଶାଖା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି ।

***BBSR/R***

# ବିଶୁଦ୍ଧ ପାନୀୟ ଜଳ

ରାଜ୍ୟର ସମସ୍ତ ପୌରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଭୁବନେଶ୍ୱରର ଉନ୍ନତି ଭବନ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ପୌରାଞ୍ଚଳର ପ୍ରତ୍ୟେକ ଘରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଯୋଗାଣ କରାଯିବ । ନଦୀଜଳକୁ ଅଧିକ ବ୍ୟବହାର କରିବାକୁ ବ୍ୟାରେଜ୍ ତିଆରି କରାଯିବ । ଲୋକଙ୍କ ନିକଟରେ ନିରବଚ୍ଛିନ୍ନ ବିଶୁଦ୍ଧ ଜଳ ପହଞ୍ଚାଇବା ନେଇ OWSSB ୱାଟ୍‌କୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ସହ ବିସ୍ତୃତ ଆଲୋଚନା କରାଯାଇଛି । ନିର୍ମାଣାଧୀନ ପାନୀୟ ଜଳ

ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ନିୟମିତ ସମୀକ୍ଷା ଓ ତଦାରଖ କରିବାପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଏହାବ୍ୟତୀତ ଚଳିତ ଗ୍ରୀଷ୍ମଋତୁରେ ଜଳ ସମସ୍ୟା ଦୂର କରିବାକୁ ଅଧିକ ଟ୍ୟାଙ୍କର୍ ମଗାଯିବ । ଅଭିଯୋଗ ଶୁଣାଣି ପାଇଁ ନିୟନ୍ତ୍ରଣ କକ୍ଷ ଖୋଲାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି । ସହରାଞ୍ଚଳରେ ପାନୀୟ ଜଳ ଦେୟ ଆଦାୟ ନିମନ୍ତେ ଲାଗିଥିବା ମିଟର ବଦଳରେ ସ୍ମାର୍ଟ ମିଟର ଲଗାଯିବ । ପ୍ରଥମେ ପରୀକ୍ଷାମୂଳକ ଭାବେ କେତେଗୁଡ଼ିଏ ସହରେ ପାଇଲଟ୍ ଭିତ୍ତିରେ ଏହାକୁ କାର୍ଯ୍ୟକାରୀ କରାଯିବ । ଏଥିରେ ସଫଳତା ମିଳିଲେ ସମସ୍ତ ଅଞ୍ଚଳରେ ଏହାକୁ ଲାଗୁ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

***Gajapati, Bhadrak, Nayagarh/R***

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ଶିବିରରେ ଆଜି ୪୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅନୁଷ୍ଠିତ ଶିବିରରେ ୮୪ଟି ଅଭିଯୋଗର ଶୁଣାଣି କରି ୪ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୭ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ।

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଶିବିରରେ ୬୩ଟି ଅଭିଯୋଗର ଶୁଣାଣି କରାଯାଇ ୮ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

***Desk, Gajapati, Malkangiri/R***

## ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷର ଆଜି ସପ୍ତମ ଦିବସରେ ବର୍ଣ୍ଣବୋଧ ଉତ୍ସବ ପାଳିତ ହୋଇଛି ।

ଗଜପତି ଜିଲ୍ଲାରେ ଆଜି ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ 'ବର୍ଣ୍ଣବୋଧ' ପୁସ୍ତକ ପ୍ରଦାନ କରାଯାଇଛି । ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ସମେତ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ 'ବର୍ଣ୍ଣବୋଧ' ବହି ବଣ୍ଟନ କରିଥିଲେ ।

ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆଜି 'ବର୍ଣ୍ଣବୋଧ ଉତ୍ସବ' ପାଳନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ

ବେଦବର ପ୍ରଧାନଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି ।

ଆସନ୍ତାକାଲି ଓଡ଼ିଆ ପକ୍ଷର ଅଷ୍ଟମ ଦିନରେ ରେଡକ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଅଭିଯାନ ଦିବସ ଭାବେ ପାଳନ କରାଯିବ।

*Malkangkri/R*

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଧୀନରେ ମାଲକାନଗିରି ଜିଲ୍ଲାରୁ ତୀର୍ଥଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି । ବସ୍‌ରେ ଯାତ୍ରା କରିଥିବା ୭୫ ଜଣ ତୀର୍ଥଯାତ୍ରୀ ଓ ଦୁଇ ଜଣ ସହଯୋଗୀ ଅଧିକାରୀ ଆସନ୍ତାକାଲି ବାରାଣସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ଯାତ୍ରୀଙ୍କର ସୁଖଦ ଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ତୀର୍ଥଯାତ୍ରୀ ବସ୍‌କୁ ମାଲକାନଗିରରି ବିଧାୟକ ନରସିଂହ ମାଡ଼କାମୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ ।

***Ganjam/R***

# ବୁଢ଼ୀ ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ପଞ୍ଚମ ଦିନରେ ଆଜି ଧର୍ମଝଣ୍ଡା ସ୍ଥାପନ ହୋଇଛି । ଧର୍ମଝଣ୍ଡା ଖୁଣ୍ଟିକୁ ମହିଳାମାନେ ରଙ୍ଗକନା ଓ ଚୁଡ଼ି ବାନ୍ଧି ପୂଜା କରୁଛନ୍ତି । ମା'ଙ୍କ ଅସ୍ଥାୟୀ ମଣ୍ଡପରେ ଆଜି ଭୋର୍‌ରୁ ପୂଜାର୍ଚ୍ଚନା ପରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ସକାଳେ ବାଳଭୋଗ, ମଧ୍ୟାହ୍ନରେ ରାଜଭୋଗ, ସନ୍ଧ୍ୟାରେ ଆଳତି ପରେ ମା'ଙ୍କ ଘଟ ପରିକ୍ରମା କରାଯାଇଥିଲା । ମା' ଅସ୍ଥାୟୀ ମନ୍ଦିରକୁ ପ୍ରବେଶ କରିବା ପରେ ପଣାଭୋଗ କରାଯାଇଛି । ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

***HS***

# ସର୍ବଭାରତୀୟ ପୁଲିସ ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ହକି କମ୍ପ୍ଲେକ୍ସରେ ୭୩ତମ ସର୍ବଭାରତୀୟ ପୁଲିସ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ପୁଲିସ ମହାନିର୍ଦ୍ଦେଶ ଯୋଗେଶ ବାହାଦୁର ଖୁରାନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ

କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏଥିରେ ଭାଗ ନେଇଥିବା ପ୍ରତିଯୋଗୀ ଏବଂ କ୍ରୀଡ଼ା ପରିଚାଳକଙ୍କୁ ଖେଳୁଆଡ଼ ମନୋଭାବ ନେଇ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଆୟୋଜିତ ଏହି ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଖେଳାଳି ଶ୍ରେଷ୍ଠ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ ବୋଲି ଶ୍ରୀ ଖୁରାନିଆ ଆଶାବ୍ୟକ୍ତ କରିଛନ୍ତି । ୭ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ୨୬ଟି ଏବଂ ମହିଳା ବର୍ଗରେ ୯ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ମୋଟ୍ ୪୮ଟି ମ୍ୟାଚ୍ ଖେଳାଯିବ।

*****